# Akashvani, Sambalpur

## SAMBALPURI NEWS BULLETIN

### 23 June 2025- 6.47- 6.52 am.

*********************************************

ଯୁବଶକ୍ତି ସମାବେଶ        ଗଞ୍ଜାମ୍ ସମ୍ବାଦଦାତା

ଗଞ୍ଜାମ୍ ଜିଲ୍ଲାର୍ ଆସିକା ଠାନେ ଆଏଜ୍ ଯୁବଶକ୍ତି ସମାବେଶ୍ ହେବା । କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍ଫୁ ହେବାର୍‌କେ ଥିବାର୍ ସମାବେଶ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କରିକରି ଛାତ୍ରଛାତ୍ରୀମାନ୍‌କୁ ଦିଗ୍‌ଦର୍ଶନ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମା ଖମ୍ବେଶ୍ୱରୀଙ୍କର୍ ଦର୍ଶନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । କାର୍ଯ୍ୟକ୍ରମ୍‌ଥି କ୍ରୀଡ଼ା ଆଉ  ଯୁବସେବା ବ୍ୟାପାର୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା, ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ଜମି କିସମ ହ୍ରାସ                ଆର୍‌ଏନ୍‌ୟୁ/ ସମ୍ବଲପୁର

ଜମିର୍ କିସମ୍ ସଂଖ୍ୟାକେ ସରଲ୍ କରିକରି ୭ ହଜାର୍ ୭ ଶହ ୯୭ ନୁ ୨୨ କେ କମ୍ କର୍‌ବାର୍‌କେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ତର୍‌ଫୁ ରାଜ୍ୟ ସର୍‌କାର୍‌ଙ୍କୁ ପ୍ରସ୍ତାବ୍ ଦିଆଯାଇଛେ । ବିଭାଗ୍ ତର୍‌ଫୁ ଜାରି କରାଯାଇଥିବା ପ୍ରସ୍ତାବ୍ ଅନ୍‌ସାରେ ରାଜ୍ୟ ରାଜସ୍ୱ ଆଇନ୍‌ଥି ଥିବା ଜମିର୍ ସ୍ୱତ୍ୱକେ ଭିଲ୍ ୭ ଶହ ୫୦ ନୁ ୪ କେ କମ୍ କର୍‌ବାର୍‌କେ ଉଲ୍ଲେଖ କରାଯାଇଛେ । ଇତାର୍ ଜରିଏ ବନ୍ଦୋବସ୍ତ ବେଲେ ଖଜଣା ଧାରିଜ୍ ସହଜ୍ ହେବାର୍ ସହେତେ ଫସଲ୍ ନୁକ୍‌ସାନ୍ ଆଉ ବିପର୍ଯ୍ୟୟ ବେଲେ ମିଳୁଥିବା ସାହାଜ୍ ଠିକ୍ ଭାବେ ଦିଆଯାଇପାର୍‌ବା । ସେନ୍ତା ବଡ଼ ପ୍ରକଳ୍ପ ଥାପ୍‌ନା ଲାଗି ଜମି ଅଧିଗ୍ରହଣ୍ ପ୍ରକ୍ରିୟା ଭିଲ୍ ସରଲ୍ ହେଇପାର୍‌ବା ବଲି ରାଜସ୍ୱ ବିଭାଗ୍ ତର୍‌ଫୁ ପ୍ରସ୍ତାବ୍‌ଥି ଉଲ୍ଲେଖ କରାଯାଇଛେ ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି ବନ୍ଦ          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର ଜନ ଅଭିଯୋଗ ଶୁଣାଣି ଆଏଜ୍ ବନ୍ଦ ରହେବା । ଆଏବା ଅଭିଯୋଗ ଶୁଣାଣି ତାରିଖ୍ ଗଣମାଧ୍ୟମ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଶ୍ୟାମାପ୍ରସାଦ୍ ମୁଖାର୍ଜୀ- ବଳିଦାନ୍ ଦିବସ୍/ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଆଉ ଭାରତୀୟ ଜନସଂଘର୍ ପ୍ରତିଷ୍ଠାତା ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀଙ୍କୁ ଆଏଜ୍ ତାଙ୍କର୍ ବଳିଦାନ୍ ଦିବସ୍ ଅବ୍‌ସରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ଇ ଅବ୍‌ସରେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ଆଏଜ୍ ସଖାଲ୍‌ବେଲା ଭୁବ୍‌ନେଶ୍ୱର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀ ପାର୍କ ଠାନେ ଥିବା ତାଙ୍କର୍ ପ୍ରତିମୂର୍ତିଥି ବାଚସ୍ପତି ସୁରମା ପାଢ଼ୀ ମାଲ୍ୟାର୍ପଣ୍ କର୍‌ବେ । ଉପର୍‌ବେଲା ଜୟଦେବ୍ ଭବନ୍ ଠାନେ ରାଜ୍ୟସ୍ତରୀୟ ବଳିଦାନ୍ ଦିବସ୍ ସମାରୋହ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଘଣା ଲାଗି ନୀତି                    ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଅଣସର ତ୍ରୟୋଦଶୀ ତିଥି ଅବ୍‌ସରେ ଆଏଜ୍ ମାହାପୁରୁମାନ୍‌କର୍ ଘଣା ଲାଗି ନୀତି ହେବା । ଇଥିର୍‌ଲାଗି ଗଲାକାଏଲ୍‌ଠାନୁ ସୁନାର୍ କୁଆଁନୁ ୩ ଗରିଆ ଜଲ୍ ଶୁଦ୍ଧ ସୁଆରଙ୍କର୍ ଘରେ ବିଜେ କରାଯାଇଥିଲା । ତାର୍ ଉତ୍‌ରୁ ଦିବ୍ୟ ପ୍ରଲେପ ଖଳିକେ

ତିଆର୍ କରାଯାଇଛେ । ଆଏଜ୍ ମାହାପୁରୁମାନ୍‌କୁ ଘଣାଲାଗି କରାହେଲା ଉତ୍‌ରୁ ସେ ଖଲିକେ ଶୁଦ୍ଧ ସୁଆରଙ୍କର୍ ଘରୁ ପଟୁଆର୍‌ଥି ନେଇକରି ସୂର୍ଯ୍ୟାସ୍ତ ଆଘୋନୁ ଶ୍ରୀମନ୍ଦିର୍‌କେ ବିଜେ କରାଯିବା । ତାର୍ ଉତ୍‌ରୁ ଖଲିଲାଗି କରାଯାଇକରି ଚତୁର୍ଦ୍ଧାମୂର୍ତିଙ୍କର୍ ଶ୍ରୀମୁଖ ଓତା ପଡ୍‌ବା । ଇଥିର୍‌ସଙ୍ଗେ ଦଇତାପତିମାନେ ମାହାପୁରୁଙ୍କର୍ ପାଦର ମୁଦା ନୀତି କର୍‌ବେ ।

ଯୁକ୍ତ ୩ ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁକ୍ତ ୩ ଥି ନାଁଲେଖା ଲାଗି ଦୁଇ ନମ୍ବର୍ ଖେପ୍ ମେଧା ତାଲିକା ଗଲାକାଏଲ୍ ବାହାରିଛେ । ଇଥି ୪୫ ହଜାର୍ ୫ ଶହ ୨ ଝନ୍‌କୁ ବଛାଯାଇଛେ । ବଛାହେଇଥିବା ଶିକ୍ଷାର୍ଥୀ ମାନେ ଆଏଜ୍‌ଠାନୁ ଆଏବା ୨୫ ତାରିଖ୍ ଉପର୍‌ବେଲା ୫ ବଜେତକ୍ ନାଁ ଲେଖେଇପାର୍‌ବେ ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସ୍ନାତକୋତର ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ଭିନ୍ ଭିନ୍ ବିଶ୍ୱବିଦ୍ୟାଳୟ ଆଉ କଲେଜ୍ ମାନ୍‌କେ ସ୍ନାତକୋତର ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ୨ ନମ୍ବର୍

ଖେପ୍ ସିଟ୍ ଆବଂଟନ୍ ଆଏଜ୍ ହେବା । ଇଥି ବଛା ହେଇଥିବା ଛାତ୍ରଛାତ୍ରୀମାନେ ୨୪ ତାରିଖ୍‌ନୁ ୨୬ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ । ସେଆଢ଼େ ଜୁଲାଇ ୩ ତାରିଖ୍ ଦିନ ୩ ନମ୍ବର୍ ଖେପ୍ ନାଁଲେଖା ଲାଗି ସିଟ୍ ଆଂବଟନ୍ ହେବା ।

ଅଲମ୍ପିକ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଅନ୍ତର୍ଜାତୀୟ ଅଲମ୍ପିକ୍ସ ଦିବସ୍ । ୧୮୯୪ ମସିହା ଆଝିର୍ ଦିନେ ଅନ୍ତର୍ଜାତୀୟ ଅଲମ୍ପିକ୍ସ କମିଟି ଗଠନ୍ ହେଇଥିଲା । ସେହିଦିନ ଆଧୁନିକ ଅଲମ୍ପିକ୍ସ ଖେଲ୍‌ର ଆବିର୍ଭାବ ହେଇଥିଲା । ଇ ଦିନ୍‌କେ ସୁର୍‌ତା କରିକରି ୧୯୪୮ ମସିହାନୁ ଫି ବଛର୍ ଜୁନ୍ ମାସର୍ ୨୩ ତାରିଖ୍‌କେ ଅନ୍ତର୍ଜାତୀୟ ଅଲମ୍ପିକ୍ସ ଦିବସ୍ ଭାବେ ପାଲନ୍ କରାଯାଉଛେ । ଅନ୍ତଃରାଷ୍ଟ୍ରୀୟ ସ୍ତର୍‌ଥି ଖେଲ୍‌କେ ତହଁକାବାର୍ ସହେତେ ଦେଶ୍ ମାନ୍‌କର୍ ଭିତ୍‌ରେ ବନ୍ଧୁତା ଥାପ୍‌ନା କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ପୁର୍‌ଥିର୍ ୨ ଶହ ୫ ଟା ଦେଶ୍ ଅଲମ୍ପିକ୍ସ ଦିବସ୍ ନ ଦୌଡ଼୍ ଆୟୋଜନ୍ କର୍‌ସନ୍ । ଇ ବଛର୍ ଅଲମ୍ପିକ୍ସ ଦିବସ୍‌ର ବାର୍ତା ରହିଛେ - 'ଅଏତ୍‌କା ତହଁକ୍, ଗୋଷ୍ଠୀ ଆଉ ଉସ୍‌ନାକି ଲାଗି ଆସୁନ୍ ମିଶିକରି ଆଗ୍‌କେ ବଢ଼୍‌ମା' ।

ସିନିଅର୍ ନେସ୍‌ନାଲ୍ ଆକ୍ୱାଟିକ୍ ଚମ୍ପିଅନ୍‌ସିପ I&PR

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ୭୮ ନମ୍ବର୍ ସିନିଅର୍ ନେସ୍‌ନାଲ୍ ଆକ୍ୱାଟିକ୍ ଚମ୍ପିଅନ୍‌ସିପ୍ ପ୍ରତିଯୋଗିତା ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଛେ । ଆଏବା ୨୬ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ପ୍ରତିଯୋଗିତାଥି ଦେଶର୍ ୪ ଶହ ନୁ ଅଏତ୍‌କା ପ୍ରତିଯୋଗୀ ଭାଗ୍ ନେଇଛନ୍ । ଇଥି ଓଡ଼ିଶାର୍ ୭ ଝନ୍ ପୁରୁଷ ଆଉ ୭ ଝନ୍ ମହିଲା ଭାଗ୍ ନେଇଛନ୍ । ପହେଲା ଦିନର୍ ଖେଲ୍‌ଥି ଓଡ଼ିଶାର୍ ସୃଷ୍ଟି ଉପାଧ୍ୟାୟ ଶହେ ମିଟର୍ ବଟର୍ ଫ୍ଲାଏ ବର୍ଗଥି ସ୍ୱର୍ଣ୍ଣପଦକ୍ ଜିତିକରି ରାଜ୍ୟର୍ ଲାଗି ଗୌରବ୍ ଆନିଛନ୍ ।

ରାଜ୍ୟ କ୍ରୀଡ଼ା ଆଉ ଯୁବବ୍ୟାପାର୍ ବିଭାଗ୍, ସୁଇମିଂ ଫେଡ଼େରେସନ୍ ଅଫ୍ ଇଣ୍ଡିଆ ଆର୍ ଓଡ଼ିଶା ଷ୍ଟେଟ୍ ସୁଇମିଂ ଏସୋସିଏସନ୍ ତର୍‌ଫୁ ହେଇଥିବା ପ୍ରତିଯୋଗିତାକେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଉଦ୍‌ଘାଟନ୍ କରିଛନ୍ । ଆଏବା ଦିନେ ରାଏଜେ ସନ୍ତରଣ୍ ଭିତିଭୂମିକେ ବର୍‌କସ୍ କର୍‌ବାର୍ ଲାଗି ୧୩ ଟା ଜିଲ୍ଲା ନ ୧୩ ଟା ସୁଇମିଂପୁଲ୍ କମ୍ପ୍ଲେକ୍ସ ତିଆର୍ କରାଯିବା ବଲି ଶ୍ରୀ ସୁରଜ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଏଜେ ସକ୍ରିୟ ଥିବାର୍‌ନୁ ଭିନ୍ ଭିନ୍ ଇଲାକା ନୁ ବର୍ଷା ଜାରି ରହିଛେ । ଆଏବା ୨୭ ତାରିଖ୍‌ତକ୍ ରାଏଜେ

ବର୍ଷା ଜାରି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ବର୍‌ଗଡ଼୍ ସହେତେ ୨୪ଟା ଜିଲ୍ଲା ନ ଘଡ୍‌ଘଡ଼ି ସଙ୍ଗେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।